# ମଧୁମଣ୍ଡାର ରାତ୍ରି

ଚରୈବତି, ଚରୈବତି... ଚାଲ, ଚାଲ, ଆଗେଇ ଚାଲ । ଜୀବନ ହିଁ ଚାଲିବା ।

ଉପକ ଚାଲିଛି । ଗତ ତିରିଶ ବର୍ଷ ଧରି ଚାଲିଛି । ରାଜଗୃହରୁ ନାଳନ୍ଦା, ନାଳନ୍ଦାରୁ ଉରୁବିଲ୍ୱ, ଉରୁବିଲ୍ୱରୁ ପାଟଳୀପୁତ୍ର, ପାଟଳୀପୁତ୍ରରୁ ବୈଶାଳୀ, ବୈଶାଳୀରୁ ବିଦେହ, ବିଦେହରୁ କୋଶଳୀ, କୋଶଳୀରୁ କାଶୀ, କାଶୀରୁ ସକେତ, ସକେତରୁ ଯିବ ଚମ୍ପା... ତା ’ ପରେ? କିଏ ଜାଣେ? ଅନନ୍ତ, ଅଫୁରନ୍ତ ଯାତ୍ରାପଥ; ସେ ଯାତ୍ରାର ଶେଷ ନାହିଁ । କାହିଁକି ବା ନେଲା ସେ ଏ ବିରାମହୀନ ଯାହାର ଦୀକ୍ଷା?

ବେତ୍ରବତୀର ସୁଗଭୀର ଜଳରେ ସୁନୀଳ ପ୍ରଶାନ୍ତି । ଦଳ ଦଳ ସାରସ ଦମ୍ପତି, ନୀଳ ଶୀତଳ ଜଳରେ ଅଳସ ଆନନ୍ଦରେ ଦେହମେଲି ଦେଇଛନ୍ତି । ଉପକ ବେତ୍ରବତୀର ଜଳରେ ସନ୍ତରଣ ଲୋଭ ସମ୍ବରଣ କରି ପାରିଲା ନାହିଁ ।

ବେତ୍ରବତୀର ଜଳଧାର ପରି, ମନୁଷ୍ୟର ଜୀବନ... ଏକ ଅନିଶ୍ଚିତ ଗହ୍ୱରରୁ ବାହାରି ଅନ୍ୟ ଏକ ଅନିଶ୍ଚିତ ପରିଣତି ଆଡ଼େ ଗତି କରି ଚାଲିଛି । ଏହି ନିଃସଙ୍ଗ ପଥ ଓ ବିରାମହୀନ ଯାତ୍ରା ହିଁ ଏକମାତ୍ର ସତ୍ୟ । ଆଉ ସବୁ ମିଥ୍ୟା । ସବୁ ଦୁଃଖ ।

ଅପରାହ୍ଣର ଛାୟା ବେତ୍ରବତୀର ତଟଭୂମି ଉପରେ ଧୀରେ ଧୀରେ ବୁଲି ଆସିଲାଣି । ଦଳ ଦଳ ହୋଇ ବଧୂ ଓ ବାଳିକା ଲୀଳାୟିତ କଟୀରେ ଜଳକୁମ୍ଭ ରଖି ବେତ୍ରବତୀରୁ ଜଳ ଆହରଣ ପାଇଁ ଆସୁଛନ୍ତି । କୌତୁକିନୀମାନଙ୍କର କୌତୁକ ଓ ପରିହାସ ପ୍ରମୋଦରେ ନିର୍ଜନ ରୁକ୍ଷ ତଟଦେଶ ପ୍ରାଣବନ୍ତ ହୋଇ ଉଠିଲା ।

ଘ ଘ ଘ ଘ

ନାରୀର ଦେହ, ଚିରକାଳ ଉପକକୁ ଆକୃଷ୍ଟ କରିଛି... ଦୁର୍ବାର ଆକର୍ଷଣରେ । ସେ ଥର ବିଦେହରେ...

ଚାର୍ତୁମାସ୍ୟା ପାଇଁ, ଜଣେ ଶ୍ରେଷ୍ଠୀ, ସାଧୁସମ୍ମତ, ତୀର୍ଥଙ୍କର ଚିରପଦ୍ଧଜିତ ବେଲଥୀ ପୁତ୍ତ ଓ ତାଙ୍କର ଶିଷ୍ୟମାନଙ୍କୁ ବିଦେହର ଉପକଣ୍ଠରେ ଏକ ସଂଘାରାମ ସମର୍ପଣ କରିଥିଲେ । ବେଲଥୀପୁତ୍ତ ସେଠାରେ ବହୁ ଶିଷ୍ୟଙ୍କ ସହିତ ରହି ଚାର୍ତୁମାସ୍ୟା ପାଳନ କରୁଥିଲେ ।

ଦିନେ ସେହି ସଂଘାରାମକୁ ଆସିଥିଲା ବଜ୍ଜୀକନ୍ୟା, ଗଣିକା, ମଧୁମଣ୍ଡା ବେଲଥୀପୁତ୍ତଙ୍କ ପାଇଁ ପୂଜାର୍ଘ୍ୟ ଘେନି । ସେତେବେଳେ ଉପକ, ସଂଘାରାମର ଉଦ୍ୟାନରେ ତୃଣଶଯ୍ୟା ଉପରେ ଶୋଇରହି “ଶୁଦ୍ଧପାଣୟ” ବ୍ରତ ପାଳନ କରୁଥିଲା । ଦୀର୍ଘ ଦୁଇମାସ ଏହିପରି ଦୁର୍ବାଶଯ୍ୟା ଉପରେ ପୂର୍ଣ୍ଣ ଉପବାସରେ ପଡ଼ିରହି ଆଜୀବକମାନଙ୍କୁ ସାଧନା କରିବାକୁ ପଡ଼େ ।

ମଧୁମଣ୍ଡା ପୂଜାର୍ଘ୍ୟ ଅର୍ପଣ କରି ଫେରିଲାବେଳେ ତୃଣଶଯ୍ୟା ଉପରେ ଶାୟିତ, ଉଲଙ୍ଗପ୍ରାୟ ତରୁଣ ଉପକକୁ ଦେଖି ସଙ୍କୋଚରେ ଦଣ୍ଡକ ପାଇଁ ତଳକୁ ମୁଣ୍ଡ ନୁଆଇଁ ରହିଗଲା । ଉପକ ପାଖରେ ଦୁର୍ବାଶଯ୍ୟା ଉପରେ ସଦ୍ୟସ୍ନାତା ମଧୁମଣ୍ଡାର ବିଶ୍ଳଥ କବରୀରୁ କେତୋଟି ଅଶୋକ କଳି ତଳେ ଝରି ପଡ଼ିଲା । ଉପକ ମୁଗ୍ଧ ଦୃଷ୍ଟିରେ ମଧୁମଣ୍ଡା ଆଡ଼େ ଚାହିଁ ପଚାରିଲା... “ତୁମକୁ କେଉଁ ନାମରେ ସମ୍ବୋଧନ କରିବି ଭଦ୍ରେ?”

ମଧୁମଣ୍ଡା କହିଲା... “ବଜ୍ଜୀକନ୍ୟା ମଧୁମଣ୍ଡା ।”

ଉପକ କ୍ଷୁଧିତ କଣ୍ଠରେ ପଚାରିଲା... "ଅବୁସଙ୍କ ପାଇଁ କି ପୂଜାର୍ଘ୍ୟ ଆଣିଥିଲ ମଧୁମତ୍ତା?"

ମଧୁମତ୍ତା କହିଲା... "ପାୟସ ।"

ମଧୁମତ୍ତାର ବୀଣାନିନ୍ଦୀ କଣ୍ଠରେ ପାୟସର ଉଚ୍ଚାରଣ ଶୁଣି, ଉପକର ଜିହ୍ୱା ଲାଳସିକ୍ତ ହୋଇଗଲା ।

ଉପକ କହିଲା... "ଭଦ୍ରେ, ମୁଁ ବଡ଼ କ୍ଷୁଧାର୍ତ୍ତ । ଗତ ଏକମାସରୁ ଉର୍ଦ୍ଧ୍ୱକାଳ ଧରି, ଏହି ଦୁର୍ବାଶଯ୍ୟା ଉପରେ ଉପବାସରେ ପଡ଼ି ମୁଁ ଶୁଦ୍ଧପାଣୟ ବ୍ରତ ପାଳନ କରୁଅଛି ।"

ମଧୁମତ୍ତା ଚପଳ କଣ୍ଠରେ ହସି, ପଚାରିଲା.... "ଆଜୀବକର ପୁଣି କ୍ଷୁଧା କ' ଣ ଶମଣ? ଶୁଦ୍ଧପାଣୟ ବ୍ରତ କରି ଅନ୍ନ ଚିନ୍ତା କଲେ ନିର୍ବାଣ ହେବ ନାହିଁ ଯେ!"

ଉପକ କହିଲା, "ନିର୍ବାଣ ପ୍ରାପ୍ତିର ପଥ ଯଦି ଅନ୍ନ ଭୋଜନରେ ରୁଦ୍ଧ ହୋଇଯିବ, ତା' ହେଲେ ସେ ନିର୍ବାଣ ଅନ୍ନ କଣିକାଠାରୁ ସୁଦ୍ଧା ସୁଲଭ୍ୟ । ଅର୍ହତ ମଙ୍ଖଲୀ ଗୋଶାଳା ପରା କହିଥିଲେ- ଆଜୀବନ ବ୍ରତ-ଉପବାସ, ଗଙ୍ଗାସ୍ନାନ ଓ ସୁକର୍ମ କଲେ ପୁଣ୍ୟପ୍ରାପ୍ତି ହୁଏ ନାହିଁ କି ବ୍ରତ ଉପବାସ ନ କରି ଧର୍ମ ଆଚରଣ ନ କଲେ, ପାପର କାଳିମା ସୁଦ୍ଧା ଲାଗେ ନାହିଁ ।"

ମଧୁମତ୍ତା ସ୍ମିତ ହସି କହିଲା... "କିନ୍ତୁ ଶୁଦ୍ଧପାଣୟ ବ୍ରତବେଳେ ଲୁଚାଇ ଖାଇବା ପାଇଁ ମଙ୍ଖଲୀ ଗୋଶାଳା ଯଦି କହିଥିବେ, ଅଜିତକେଶ କମ୍ବଳୀ ଶୁଦ୍ଧପାଣୟବେଳେ ଜଳ ସୁଦ୍ଧା ସ୍ପର୍ଶ ନ କରିବା ପାଇଁ ନିଶ୍ଚୟ କେଉଁଠି ସୂତ୍ର ବାନ୍ଧିଥିବେ । ସଞ୍ଜୟ ବେଲଥୀପୁତ୍ର କେଜାଣି ତାହାର ମୀମାଂସା ଜାଣିଥିବେ, ତାଙ୍କୁ ପଚାରିବି?

ମଧୁମତ୍ତାର ଦୁଇ ବିମ୍ବୋଷ୍ଠୀ କୁଟୀଳ ଭ୍ରୁକୁଟୀରେ କୁଞ୍ଚିତ ହୋଇଗଲା ।

ଉପକ ମଧୁମତ୍ତା ଆଡ଼େ ମୁଗ୍ଧ ଦୃଷ୍ଟିରେ ଚାହିଁ ଭାବୁଥିଲା, କଳାଭୃଙ୍ଗ ପରି ସେ ମଧୁମତ୍ତାର ବଦନକମଳ ଉପରକୁ ଉଡ଼ିଯାଇ ପାରନ୍ତା କି!

ମଧୁମତ୍ତା ପଚାରିଲା... "କି କହିଲ ନାହିଁ ଯେ! ମୋ' ଆଡ଼େ ଚାହିଁ କ' ଣ ଏତେ ଦେଖୁଛ?" ମଧୁମତ୍ତାର ସ୍ମିତହାସ୍ୟ ଉପକର ମର୍ମଦେଶରେ ମୃଗୟୁର ଶର ପରି ବିନ୍ଧିଗଲା ।

ମଧୁମତ୍ତା ଚାଲି ଯାଉଥିଲା; ପଛରୁ ଉପକ ଡାକିଲା... "ଭଦ୍ରେ!"

ମଧୁମତ୍ତା ପଛକୁ ଫେରି ଚାହିଁ ଉଷ୍ମାଚ୍ଛଳିତ କଣ୍ଠରେ ପଚାରିଲା- "ପୁଣି କ' ଣ କହୁଛ ଶମଣ?"

ଉପକ କହିଲା... "ଶମଣଙ୍କୁ ଭିକ୍ଷା ନ ଦେଇ ଚାଲିଯିବ ମଧୁମତ୍ତା? ପୁଣ୍ୟ ସଞ୍ଚୟ କାମନା ନାହିଁ ତମର?"

ମଧୁମତ୍ତା ସ୍ମିତ ହସି ପଚାରିଲା... "କି ଭିକ୍ଷା ନେବ ଶମଣ?" ଉପକ ଭୀରୁ କଣ୍ଠରେ କହିଲା... "ତୁମର ପାଦତଳେ ମୋତେ ଦୂର୍ବା କରିବ ସୁନ୍ଦରୀ?"

ମଧୁମତ୍ତା ଅକୁଣ୍ଠିତ ପରି କହିଲା... "ତୁମର ଏ ବିପରୀତ ରୀତି ମୋତେ ଜଣା ନ ଥିଲା ଶମଣ ।"

ମଧୁମତ୍ତା ତା' ପରେ ନିତମ୍ବ ଦୋଳାଇ ପୁଣି ଥରେ ଉପକ ଆଡ଼େ ବକ୍ର ଦୃଷ୍ଟିରେ ଚାହିଁ; କୌତୁକରେ ଦନ୍ତପୀଡ଼ିତ ଜିହ୍ୱାଗ୍ର ଦେଖାଇ, ଲୀଳାୟିତ ପାଦରେ ଚାଲିଗଲା । ଉପକର ମନ ହେଉଥିଲା, ଶୁଦ୍ଧପାଣୟର ଏ ନିର୍ବୋଧ ଅଭିନୟ ଛାଡ଼ି, ଆଷାଢ଼ର ମେଘାକ୍ରାନ୍ତା ସନ୍ଧ୍ୟାରେ ଦେହରେ ବଳାକା ପରି, ନୀଳଦୂକୁଳାବୃତା ମଧୁମତ୍ତାର ଦେହ ଆଲିଙ୍ଗନ କରିବା ପାଇଁ ।

ସେଦିନ ରାତି...

ସଂଘାରାମରେ ସମସ୍ତେ ପ୍ରାୟ ନିଦ୍ରାଚେତନ । ଉପକ, ଉଦ୍ୟାନର ଗୋଟିଏ ଆମ୍ରବୃକ୍ଷ କୋଟର ପାଖରେ ବସି, ହିଂସ୍ର ପଶୁପରି ବେଲିଥୀପୁତ୍ତଙ୍କ ଉଦ୍ଦେଶ୍ୟରେ ନିବେଦିତ ପାୟସ ଓ ମିଷ୍ଟାନ୍ନ ଗଳଧଃକରଣ କରୁଥିଲା । ସଂଘାରାମରେ ଅଧିକାଂଶ ଶମଣ ଏଇଆ ହିଁ ନିତି କରିଥାନ୍ତି । ମୋକ୍ଷ ଓ ନିର୍ବାଣ ପାଇଁ ଉପବାସ ରହିବାର କୌଣସି ଅର୍ଥ ନାହିଁ । ଗୌତମ ଯେ ନିର୍ବାଣର ସନ୍ଧାନ ପାଇଛନ୍ତି ବୋଲି ଏତେ ପ୍ରଚାର କରି ବୁଲୁଛନ୍ତି, ସେ ସୁଦ୍ଧା ତ ବୃଥା ଉପବାସ ରହି ରହି, ଶେଷକୁ ସରମା ହାତରୁ ପାୟସାନ୍ନ ଭୁଞ୍ଜିଥିଲେ । ଏବେ ବଡ଼ାଇ କରି ବୁଲୁଛନ୍ତି । ସେଇଥିପାଇଁ ତ ଉପକ ତାଙ୍କୁ ମୁହେଁ ମୁହେଁ ମୁଣ୍ଡ ଗହପତିକ (ଲଣ୍ଡିତ ମସ୍ତକ ଗୃହସ୍ଥ ବା ଛଦ୍ମବେଶୀ ଶମଣ) ବୋଲି ସେଦିନ ଉରୁବିଲ୍ୱ ପଥରେ କହି ଦେଇଥିଲା । ସବୁ ଯଦି ମାୟା, ସବୁ ଯଦି ଅଳୀକ, ତା' ହେଲେ ନିର୍ବାଣ ଯେ ସତ୍ୟ ତାହାର ପ୍ରମାଣ କ'ଣ?

ଉପକର ଦେହର କ୍ଷୁଧା କଥଂଚିତ ଶାନ୍ତ ହେବା ପରେ, ମଧୁମତ୍ତାକୁ କେନ୍ଦ୍ର କରି ମନର କ୍ଷୁଧା ପ୍ରବଳ ହୋଇ ଉଠିଲା । ଦନ୍ତପୀଡ଼ିତ ଜିହ୍ୱାଗ୍ର ଦେଖାଇ, ମଧୁମତ୍ତାର କୌତୁକ ପରିହାସ ଉପକକୁ ଅନବସ୍ଥିତ କରିଦେଲା ।

ନିଶାର୍ଦ୍ଧରେ ସୁପ୍ତ ଆକାଶରେ ଅଗଣିତ ତାରା ଜୀବନରେ ବହୁ ଅତୃପ୍ତ କାମନା ପରି ତା'ର ଜ୍ୱାଳାମୟ ଦୀପ୍ତି ଉପରକୁ ତିଳେ ତିଳେ ଦଗ୍ଧ କରିଦେଲା ।

ଙ ଙ ଙ

ଚାତୁର୍ମାସ୍ୟା ଶେଷ ହେଲା । ମେଘମୁକ୍ତ ଆକାଶରେ ଶରତର ଖଣ୍ଡ ଖଣ୍ଡ ଲଘୁ ମେଘ ଭାସି ବୁଲିଲାଣି, ନିଃସମ୍ବଳ, ନିରୁଦ୍ଦିଷ୍ଟ, ଅନବସ୍ଥିତ ଶମଣମାନଙ୍କ ପରି । ଏଥର ସଂଘାରାମ ଉଠିବ । ଶମଣମାନେ ନିଜ ନିଜ ପଥ ଧରି ପୁଣି ପ୍ରବର୍ଜ୍ୟା ଆରମ୍ଭ କରିବେ । ଉପକ ମଧ ଚାଲିଯିବ । କିନ୍ତୁ ବିଦେହ ଛାଡ଼ିବା ପୂର୍ବରୁ ଥରେ ମଧୁମତ୍ତାର ସାହଚର୍ଯ୍ୟ ପାଇଁ ଉପକର ଚିତ୍ତ ଆକୁଳ ହୋଇ ଉଠିଲା ।

ଶରତର ଗୋଟିଏ ସ୍ନିଗ୍ଧ, କୋମଳ ଗୋଧୂଳି । ଉପକ ଭିକ୍ଷା ଶେଷରେ ବିଦେହର ରାଜପଥରେ ସଂଘାରାମ ଆଡ଼େ ଫେରୁଥିଲା । ସେତେବେଳେ ମଧୁମତ୍ତା ନିଜ ଭବନଶିଖରରେ କିଙ୍କରୀମାନଙ୍କର ଗହଣରେ ପଦଚାରଣା କରି ରାଜପଥରେ ବେଳେ ବେଳେ ରଥାରୂଢ଼ ହୋଇ ଯାଉଥିବା ଶ୍ରେଷ୍ଠୀ ଓ ରାଜକୁମାରମାନଙ୍କୁ ନାନା ଅଙ୍ଗଭଙ୍ଗୀ ଦ୍ୱାରା ପ୍ରଲୁବ୍ଧ କରୁଥିଲା । ଉପକକୁ ରାଜପଥରେ ଦେଖି ମଧୁମତ୍ତା କବରୀରୁ ଗୋଟିଏ ଦଳିତ ଚମ୍ପା କାଢ଼ି ଉପକର କମଣ୍ଡଳୁ ଭିତରକୁ ଫିଙ୍ଗିଦେଲା ।

ଭବନଶିଖରରେ ଭୁବନବିମୋହିନୀ ମଧୁମତ୍ତାକୁ ଦେଖି, ଉପକର ସାରା ଦେହ ଏକ ଉତ୍ତେଜନାରେ ଦୀପର ଶିଖାପରି ପ୍ରକମ୍ପିତ ହୋଇଗଲା । କିନ୍ତୁ ପରମୁହୂର୍ତ୍ତରେ ନିଜର ରୁକ୍ଷ ବେଶବାସ, ମଳିନ କୌପୀନ, ଛିନ୍ନ ଚୀବର ଓ ଅର୍ଦ୍ଧଦଗ୍ଧ ବିକଳ ହସ୍ତରେ ଶୂନ୍ୟ କମଣ୍ଡଳୁ ଦେଖି, ମନ ତା'ର ସଙ୍କୁଚିତ ହୋଇଥିଲା । ବହୁ, ବହୁବର୍ଷ ତଳେ, ଆଜୀବକ ସଭାରେ ପ୍ରଥମ ଦୀକ୍ଷା ଗ୍ରହଣବେଳେ ରୂପ, ସ୍ପର୍ଶ ଓ ଅନୁଭୂତି ଜୟ କରିବା ପାଇଁ,

ଆଜୀବକ ଦୀକ୍ଷା ଗ୍ରହଣ ବିଧି ଅନୁସାରେ, ସେ ତପ୍ତ ଲୌହଖଣ୍ଡ ଦୁଇ ହାତରେ ଅଞ୍ଜଳିବଦ୍ଧ କରି ଧରିଥିଲା । ସେଦିନ ଦୁଇ ହାତର ଅଙ୍ଗୁଳିଗୁଡ଼ିକ ଦଗ୍ଧ ହୋଇ, କେବଳ ଅର୍ଦ୍ଧଦଗ୍ଧ, କୁଞ୍ଚିତ ଚର୍ମ ତଳେ ଅସ୍ଥିଖଣ୍ଡମାନ ଅବଶିଷ୍ଟ ରହିଅଛି ।

ଉପକ ଇତସ୍ତତଃ ହେଉଥିଲା, ଏତିକିବେଳେ ମଧୁମତ୍ତାର ପରିଚାରିକା କାମଦା ବାହାରକୁ ଆସି କହିଲା- "ଅଭ୍ୟନ୍ତରକୁ ପଦାର୍ପଣ କରନ୍ତୁ ଶମଣ! ସଖୀ ଅବୁସଙ୍କୁ କାମନା କରିଅଛନ୍ତି ।"

କାମଦାର ପରିହାସ-ଚପଳ ଆମନ୍ତ୍ରଣ ଉପକକୁ ଆଉରି କାମଦଗ୍ଧ କରିଦେଲା । ଉପକ ପଚାରିଲା... "ତୁମକୁ କେଉଁ ନାମରେ ସମ୍ବୋଧନ କରିବି ଭଦ୍ରେ?"

କାମଦା ସ୍ମିତ ହସି କହିଲା... "କାମଦା ।"

ଉପକ ଶୁଷ୍କ ଦୁଇ ଓଷ୍ଠ ଉପରେ କ୍ଷୁଧିତ ପଶୁପରି ଜିହ୍ୱାଗ୍ର ବୁଲାଇ ଅସ୍ପଷ୍ଟ ସ୍ୱରରେ ମନେ ମନେ ଉଚ୍ଚାରଣ କଲା- "କାମଦା, କାମଦା ।"

ଅପ୍ରଶସ୍ତ ଅଳିନ୍ଦ ପଥରେ ଗଲାବେଳେ ଉପକର ମନ ହେଉଥିଲା ଥରେ କାମଦାକୁ ନିବିଡ଼ ବାହୁପାଶରେ ଆଲିଙ୍ଗନ କରିବାପାଇଁ । ମାତ୍ର ଅଳିନ୍ଦ ପ୍ରାନ୍ତରେ ସ୍ମିତହାସିନୀ ମଧୁମତ୍ତା, କେଳିମନ୍ଦିର ଦ୍ୱାରରେ ଉପକର ପଥ ଚାହିଁ ଠିଆ ହୋଇଥିଲା । କୁସୁମ, ଅଗୁରୁ ଓ ସୁବାସ ସହିତ ସିତଚନ୍ଦନ ଲେପିତ ନାରୀ ଦେହର ଲୋଭନୀୟ ଗନ୍ଧ, କ୍ଷୁଧିତ ଉପକର ଦୁଇ ଆଖିରେ ଏକ ଅନିର୍ବଚନୀୟ କଳ୍ପଲୋକ ସୃଷ୍ଟି କରିଦେଲା ।

ମଧୁମତ୍ତା କହିଲା- "ଭିତରକୁ ଆସନ୍ତୁ ଶମଣ ।"

କୁସୁମ ବିଚିତ୍ରିତ, ଅଗୁରୁ ସୁବାସିତ, ଦୀପାଲୋକିତ, ବୀଣା ଓ ବିପଞ୍ଚିନିନ୍ଦିତ କେଳିମନ୍ଦିରରେ, ମଧୁମତ୍ତା ଛିନ୍ନକମଳତଳର ଶଯ୍ୟା ଉପରେ, ଦେହ ଢାଳିଦେଇ, କିଂକର୍ତ୍ତବ୍ୟବିମୂଢ଼ ଉପକ ଆଡ଼େ ଚାହିଁ ସ୍ମିତ ହସି କହିଲା... "ଏଠାରେ ଉପବେଶନ କରନ୍ତୁ ଶମଣ ।"

ଉପକ ଚାହିଁ ଦେଖୁଥିଲା- ଶିରୀଷମାଲ୍ୟଭୂଷିତା, ନବମଣି ବିନିର୍ମିତ କାଂଚୀ, କେୟୁର, କଙ୍କଣ ଓ ନୁପୂରଭୂଷିତା, ସୁଧାରସ ତରଙ୍ଗିତନୟନା, ମଦାବେଶବିହ୍ୱଳା ଏହି ରତିକାଙ୍କ୍ଷିଣୀ ନାରୀ, ନାରୀ ନୁହେଁ; ବିଶ୍ୱର ପୁଞ୍ଜୀଭୂତ କାମନା ଯେପରି ଅଗଣିତ ଜୀନ, ତୀର୍ଥଙ୍କର ନିର୍ବାଣ ସାଧନାକୁ ଉପହାସ କରି, କମଳଦଳାବୃତ ଶଯ୍ୟାରେ, ଅଳସ ଅପରାହ୍ଣପରି ଦେହ ଢାଳି ଶୋଇଛି ।

ମଧୁମତ୍ତା କାମଦାକୁ ଡାକି କହିଲା- "ଆଲୋ କାମଦା, ଶମଣକୁ ଆସବ ନିବେଦନ କର ।"

କାମଦା ସ୍ଫଟିକର ଦୁଇଟି ପାନପାତ୍ରରେ ଆସବ ଆଣି ଉପକ ଓ ମଧୁମତ୍ତାଙ୍କ ମଝିରେ ରଖିଦେଲା । ଉପକ କମ୍ପିତ ହସ୍ତରେ ଗୋଟିଏ ପାତ୍ର ଉଠାଇ ମୁହୂର୍ତ୍ତକ ମଧ୍ୟରେ ନିଃଶେଷ କରି ଦେଉଥିଲା; ମଧୁମତ୍ତା କହିଲା, "ଭୟନାହିଁ ଶମଣ, ଏ ସଞ୍ଜୟ ବେଲଥୀପୁତ୍ତଙ୍କ ସଂଘାରାମ ନୁହେଁ ବା ନିଶାର୍ଦ୍ଧରେ ଅପହୃତ ପାୟସାନ୍ନ ନୁହେଁ । ଧୀରେ ଧୀରେ ମୋ' ଆଡ଼େ ଚାହିଁ ସ୍ମିତ ହସି ପାନ କରନ୍ତୁ ।" ମଧୁମତ୍ତା ତା' ପରେ ନିଜେ ଗୋଟିଏ ପାତ୍ର ଦୁଇ ଓଠ ପାଖରେ ଟେକି ଧରି ଧୀରେ ଧୀରେ ଆସବ ପାନ କଲା । ଏହା ପୂର୍ବରୁ ଉପକ, କେତେବାର ଅବଶ୍ୟ ଲୁଚାଇ ଲୁଚାଇ ଆସବ ପାନ କରିଛି । ଆସବ ପାନ କରିବା, ଆଜୀବକମାନଙ୍କ ପକ୍ଷରେ ଏକାନ୍ତ ନିଷିଦ୍ଧ ନୁହେଁ । ମାତ୍ର ଆଜି ମଧୁମତ୍ତାର ସ୍ଫୁରିତ ବିମ୍ବାଧର ଓ ନୀଳୋତ୍ପଳନିନ୍ଦୀ କୁରଙ୍ଗୀ-ନୟନ ଆଡ଼େ ଚାହିଁ ଆସବ ପାନ କଲାବେଳେ ଏକ ଅପୂର୍ବ ତୃପ୍ତିରେ ଉପକକୁ ଅବସନ୍ନ ପରି ଲାଗିଲା ।

ନୀଳ ଚିନାଂଶୁକର ଅବଗୁଣ୍ଠନତଳେ ମଧୁମତ୍ତାର ଏ କି ରୂପଶ୍ରୀ... ଜ୍ୟୋତ୍ସ୍ନାର୍ଚ୍ଚିତ ଆକାଶ ତଳେ ଭୁବନମୋହିନୀ ରାତ୍ରି ପରି ।

ମଧୁମତ୍ତା ପଚାରିଲା- "ଏ ଜନ୍ମ ପରେ ଆଉ ପୁନର୍ଜନ୍ମ ଅଛି ଶମଣ?"

ଉପକ କହିଲା – "ଏଠି ଜନ୍ମ ପୁନର୍ଜନ୍ମର ବିଚାର କାହିଁକି ମଧୁମତ୍ତା?"

ମଧୁମତ୍ତା ଗୋଟିଏ କମଳ କଳିକା କଞ୍ଚୁକ-ପୀଡ଼ିତ ଦୁଇ ବକ୍ଷୋଜ ଉପରେ ଧୀରେ ଧୀରେ ନଚାଇ ପଚାରିଲା- "ତା' ହେଲେ ଏ ଜନ୍ମପରେ ଆଉ ପୁନର୍ଜନ୍ମ ନାହିଁ ଶମଣ?"

ଉପକ କହିଲା- "ମୁଁ ଜାଣେ ନା, କେହି ଜାଣେ ନାହିଁ । ପୁନର୍ଜନ୍ମ ଥିବା ମୁଁ ଜାଣେ ନାହିଁ । ନ ଥିବା ମଧ ଜାଣେ ନାହିଁ । ମୁଁ ଜାଣେ ଜନ୍ମ ମିଥ୍ୟା, ପୁନର୍ଜନ୍ମ କଳ୍ପନା ସତ୍ୟ କେବଳ ଧାବମାନ ଏହି ମୁହୂର୍ତ୍ତ, ଆଉ ତୁମେ! ତୁମଠାରେ ମୋର ଭିକ୍ଷା କ'ଣ କାଳେ କାଳେ ଅତୃପ୍ତ ରହିଯିବ ମଧୁମତ୍ତା?"

ମଧୁମତ୍ତା ସ୍ମିତ ହସି ଉପକକୁ ଆଉରି ପ୍ରଲୁବ୍ଧ କରି ପଚାରିଲା- "ତୁମର କି ଭିକ୍ଷା ଶମଣ?"

ଉପକ କହିଲା- "ଥରେ ଦୁଇ ହାତରେ ତୁମକୁ ଅନୁଭବ କରିବାକୁ ଦେବ ମୋତେ ସୁନ୍ଦରୀ?"

ମଧୁମତ୍ତା କହିଲା... "ଶମଣ, ବିଦେହ ରାଜକୋଷର ଦୈନିକ ଆୟ, ମୋର ଏକ ରାତ୍ରିର ଆୟର ଅର୍ଦ୍ଧାଂଶରୁ ସୁଦ୍ଧା କମ୍ । ମୋର ପ୍ରଶ୍ନର ଉତ୍ତରରେ ହିଁ ତୁମକୁ ମୂଲ୍ୟ ଦେବାପାଇଁ ପଡ଼ିବ ।"

ମଧୁମତ୍ତାର ଦୁଇ ଆଖି, ମୁହୂର୍ତ୍ତକ ପୂର୍ବର ସ୍ନିଗ୍ଧତା ହରାଇ କଠୋର ହୋଇଗଲା ।

ଉପକ ଆକୁଳ କଣ୍ଠରେ ପଚାରିଲା- "କିନ୍ତୁ ସେ ପ୍ରଶ୍ନରେ କି ପ୍ରୟୋଜନ ମଧୁମତ୍ତା?"

ମଧୁମତ୍ତା କହିଲା- "ତୁମେ କ'ଣ ଭାବୁଚ ଶମଣ, ଅନ୍ୟର ପାଦତଳେ କେବଳ ଅସହାୟ ଭାବରେ, ନିବେଦିତ ହେବା ହିଁ କୁସୁମର ଭବିତବ୍ୟ?- ପୁନର୍ଜନ୍ମ କଳ୍ପନା ହୋଇପାରେ । ମାତ୍ର ପୁନର୍ଜନ୍ମରେ ହିଁ ମୋର ଶାନ୍ତି, ମୋର ପୂର୍ଣ୍ଣତା । ମୋତେ ଆଉ ଛଳନା ନ କରି କୁହ ଶମଣ, ପୁନର୍ଜନ୍ମ ଅଛି କି ନାହିଁ?"

ଉପକ କିଂକର୍ତ୍ତ୍ୟବିମୂଢ଼ ହୋଇ କହିଲା- "ଥାଇପାରେ, ହୁଏତ ଅଛି ।"

ମଧୁମତ୍ତା କେତୋଟି ମୁହୂର୍ତ୍ତ ଉପକ ଆଡ଼େ ସ୍ଥିର, ଅବିଚଳିତ ଦୃଷ୍ଟିରେ ଚାହିଁ ରହିଲା । ଉପକ ଆକୁଳ ଆବେଗରେ ମଧୁମତ୍ତାକୁ ଆଲିଙ୍ଗନ କରିବା ପାଇଁ ଦୁଇବାହୁ ପ୍ରସାରିତ କରିବା ମାତ୍ରେ, ମଧୁମତ୍ତା ଉପକର ଦୁଇ ଅର୍ଦ୍ଧ-ଦଗ୍ଧ ହାତ ଦେଖି ଆର୍ତ୍ତଚିତ୍କାର କରି ଉଠିଲା । ଉପକ ନିଜ ଦୁଇ ଅର୍ଦ୍ଧ-ଦଗ୍ଧ ହାତର ବୀଭତ୍ସତାରେ ନିଜେ ସୁଦ୍ଧା ଏକ ଅବ୍ୟକ୍ତ ଆତଙ୍କରେ ଆତଙ୍କିତ ହୋଇପଡ଼ିଲା । ମଧୁମତ୍ତା ନିଜର ଦୁଇ, କୋମଳ ରକ୍ତିମ କରପଲ୍ଲବ ଦୁଇ ଆଖି ଉପରେ ଚାପି ଧରି କାମଦାକୁ ଡାକି କହିଲା- "ଆଲୋ କାମଦା, କାହିଁଗଲୁ କାମଦା! ଶମଣଙ୍କୁ ଶୀଘ୍ର ବିଦାୟ କରିଦେ ଏଠୁ ।"

କାମଦା ମଧ ଉପକର ଦୁଇ ଅର୍ଦ୍ଧଦଗ୍ଧ ହାତ ଦେଖି ଭୟରେ ଆର୍ତ୍ତଚିତ୍କାର କଲା । ଉପକ ବେତ୍ରାହତ ଶିଶୁପର ମଧୁମତ୍ତାର କେଳି ମନ୍ଦିର ଛାଡ଼ି, ରାଜପଥକୁ ପଳାଇଆସିଲା ।

ଘ ଘ ଘ

ବେତ୍ରବତୀର ତଟଭୂମି ଆସନ୍ନ ସନ୍ଧ୍ୟାରେ ପ୍ରାୟାନ୍ଧକାର ମଧ୍ୟରେ ଅସ୍ପଷ୍ଟ ଦିଶିଲାଣି । ଜନାର୍ଥିନୀମାନେ କେତେବେଳୁ ବିଦାୟ ନେଇ ସାରିଲେଣି । ବେତ୍ରବତୀର ତଟଭୂମି, ନିଃଶବ୍ଦ ଓ ନିର୍ଜନ । ସମାଧିସ୍ଥ ଶମଣ ପରି ଆକାଶ ଗଭୀର, ଗମ୍ଭୀର ଓ ଅବିଚଳିତ! ଉପକ ବେତ୍ରବତୀ ଅତିକ୍ରମ କରି ଅପରପାଶ୍ୱର୍ରେ ପହଞ୍ଚିଲାବେଳକୁ ଆକାଶରେ ଗୋଟିଏ ଦଓଟି ହୋଇ, ସନ୍ଧ୍ୟାର ତାରା ଫୁଟି ଉଠିଥିଲା ।

ଏଠି, ଅଦୂରରେ ଏଇ ଦେଖାଯାଏ... ଚମ୍ପା ଜନପଦ । ଧୂସର ଦିଗ୍‌ବଳୟର ପୃଷ୍ଠଭୂମିରେ, ଚମ୍ପାର ଆଜୀବନ ସଂହତିର ସ୍ତୂପଚୂଡ଼ା ତଥାପି ଅସ୍ପଷ୍ଟ ଭାବରେ ଦେଖାଯାଉଅଛି । ଆଜି ରାତି ହୁଏତ ସେଇଠାରେ କଟିବ!

...ଆଜି ତଥାପି ମନେପଡ଼େ ଯୌବନର ପ୍ରାରମ୍ଭରେ ବହୁଦିନ ତଳର ମଧୁମତ୍ତା କଥା । ମଧୁମତ୍ତା ଚାହୁଁଥିଲା ପୁନର୍ଜନ୍ମ, ହୁଏତ ବ୍ୟର୍ଥ ନାରୀତ୍ୱ ଓ ମାତୃତ୍ୱର ନୂତନ ସାର୍ଥକତା ପାଇଁ । ମଧୁମତ୍ତାର ସେହି ଆକୁଳ ଜିଜ୍ଞାସା, ଏବେ ସୁଦ୍ଧା ଉପକର ମନେ ପଡ଼େ... "ଅନ୍ୟର ପାଦତଳେ କେବଳ ଅସହାୟ ଭାବରେ ନିବେଦିତ ହେବା ହିଁ କ' ଣ କୁସୁମର ଭବିତବ୍ୟ?"

ଉପକ ମଧ୍ୟ ଚାହେଁ ପୁନର୍ଜନ୍ମ, ଜୀବନର ନୂତନ ଉପଲବ୍ଧି ପାଇଁ ।

ଦୁଇ

ବିଦେହରୁ ବିଦାୟ ନେବାର ଆଜିକୁ ପ୍ରାୟ ଏକ ଯୁଗ ବିତିଗଲାଣି । ମଧୁମତ୍ତାର କେଳି ମନ୍ଦିରରୁ ସେଦିନ ବେତ୍ରାହତ ଶିଶୁ ପରି ପଳାୟନ ପରେ, ବହୁ କଠୋର ବ୍ରତ ଉପବାସ ଓ ସାଧନାରେ ଉପକର ଦେହ ଶୀର୍ଣ୍ଣ ହୋଇଛି, ଯୌବନ ପ୍ରାୟ ନିଃଶେଷ ହୋଇଛି; ତଥାପି ବିଶୁଷ୍କ, ବିଦଳିତ ବକୁଳ ପରି ସେଥିରୁ କାମନାର ସୁରଭି ନିଭିନାହିଁ । ଏବେ ସୁଦ୍ଧା ବେଳେ ବେଳେ, ମଧୁମତ୍ତାର ସ୍ମୃତି, ଉପକର ପ୍ରୌଢ଼ତ୍ୱ-ପାଣ୍ଡୁରିତ ହୃଦୟ ବନରେ ଅଦିନମଳୟ ପରି ଜାଗିଉଠେ । ମାତ୍ର ଉପକ ଅତି କଠୋର ଭାବରେ କାମନାର ସେ ଲେଲିହାନ ଶିଖା ଦମନ କରିଛି । ତା' ର ସାଧନା, ସଂଯମ ଓ ନିଷ୍ଠା ଆଜୀବକ ସମାଜରେ ଉପକକୁ ପୂଜନୀୟ ଓ ମହନୀୟ କରିଅଛି । ତଥାପି କେବେ କେବେ, କେତେକ ଅସତର୍କ ମୁହୂର୍ତ୍ତରେ, ସଂଯମର ସମସ୍ତ ଶୃଙ୍ଖଳ ଭାଙ୍ଗି, ଶୀତକ୍ଲିଷ୍ଟ ପାଣ୍ଡୁର ଅରଣ୍ୟରେ, ମଧୁମତ୍ତା ରକ୍ତିମ ପଲାଶର ଆଗ୍ନେୟ ଉଚ୍ଛ୍ୱାସ ପରି ଜାଗି ଉଠେ; ମାତ୍ର ପର ମୁହୂର୍ତ୍ତରେ ଉପକ ନିଜର ଦୁଇ ଅର୍ଦ୍ଧଦଗ୍ଧ ହାତ ଆଡ଼େ ଚାହିଁ ପୁଣି ଅତି କଠୋର ଭାବରେ ସେ ମାନସିକ ଚଞ୍ଚଳତା ଦମନ କରେ ।

ମଧୁମତ୍ତା ଚାହିଁଥିଲା ପୁନର୍ଜନ୍ମ... ଉପକ ଚାହେଁ ପୁନର୍ଜନ୍ମ ।

କିନ୍ତୁ ପୁନର୍ଜନ୍ମ ନାହିଁ ।

ଦିନେ ପଞ୍ଚଭୂତ ପଞ୍ଚଭୂତରେ ଲୀନ ହୋଇଯାଏ ।

ପୁନର୍ଜନ୍ମ ନାହିଁ!

ଏଇ ଜୀବନ ହିଁ ଏକମାତ୍ର ସତ୍ୟ!

ତା' ହେଲେ ସଂଯମର ନାଗପାଶରେ ସେ ଜୀବନକୁ ତିଳେ ତିଳେ ଏପରି ଦଗ୍ଧ ଓ ନିଷ୍ପେଷିତ କରି ନିର୍ବାଣ ପାଇଁ ସାଧନାର ସାର୍ଥକତା କେଉଁଠି?

ଚମ୍ପାର ଆଜୀବ୍ୟସଭାରେ ସେଦିନ ନିଗଣ୍ଠନାଥପୁତ୍ତଙ୍କ ଜଣେ ଶିଷ୍ୟ କିଶା ସହିତ ବହୁ ଯୁକ୍ତିତର୍କ ହେଲା । ପଲାସପୁର ପଥରେ ଯାଉଁ ଯାଉଁ, କିଶା ଚମ୍ପାର ଆଜୀବ୍ୟସଂହତିରେ କିଛିଦିନ ବିଶ୍ରାମ ପାଇଁ ରହିଥିଲେ । ଉପକ ପହଞ୍ଚିଲାବେଳକୁ ଆଜୀବ୍ୟ ସଭା ମଣ୍ଡପ ବହୁ ଶମଣ ତଥା ଚମ୍ପାର ଅନ୍ୟ ସାଧାରଣ ନାଗରିକଙ୍କ ଦ୍ୱାରା ଜନାକୀର୍ଣ୍ଣ ହୋଇଥିଲା । ମଣ୍ଡପ ମଝିରେ କିଶା ଯୋଗାସନରେ ବସି ଶ୍ରୋତୃମଣ୍ଡଳୀକୁ ଶମଣଫଳସୁତ୍ତଞ୍ଚ ବୁଝାଉଥିଲେ । କିଶା କହୁଥିଲେ, "ପୁନର୍ଜନ୍ମ ଅଛି କି ନାହିଁ ନିଗଣ୍ଠ ଜାଣନ୍ତି ନାହିଁ । ଶମଣର ସାଧନାରେ ସାର୍ଥକତା ଅଛି କି ନାହିଁ, ତା'   ମଧ ନିଗଣ୍ଠ ଜାଣନ୍ତି ନାହିଁ ।"

ଶ୍ରୋତାମାନଙ୍କ ମଧ୍ୟରୁ ଜଣେ ପଚାରିଲା- "ପାପ ଆଉ ପୁଣ୍ୟ ମଧ୍ୟରେ ପାର୍ଥକ୍ୟ କ'   ଣ? ଅଜିତ କେଶକମ୍ବଳୀ କହନ୍ତି, ତପ, ଯଜ୍ଞ, ଦାନ ଓ ଧର୍ମରେ ପୁଣ୍ୟ ନାହିଁ ବା ହତ୍ୟା, ରକ୍ତପାତ ଓ ଲୁଣ୍ଠନରେ ପାପନାହିଁ ।

କିଶା କହିଲେ- "ନିଗଣ୍ଠ ତାହା ମଧ ଜାଣନ୍ତି ନାହିଁ ।"

ଶ୍ରୋତାମାନଙ୍କ ମଧ୍ୟରେ ଜଣେ ବ୍ରାହ୍ମଣ ପରିହାସ-ମିଶ୍ରିତ କଣ୍ଠରେ ପଚାରିଲେ, "ତା'   ହେଲେ ନିଗଣ୍ଠ କ'   ଣ ଜାଣନ୍ତି?"

* ଆଜୀବ୍ୟମାନଙ୍କର ଏକ ଧର୍ମସୂତ୍ର ।

କିଶା କହିଲେ- "ନାଥପୁତ୍ତ କହନ୍ତି, କାମନାର ଗ୍ରନ୍ଥି ଛିନ୍ନ କର, ଞ୍ଚ ଚତୁଃଯମ, ଦ୍ୱାରା ପରିବୃତ୍ତ ହୋଇ ନିଗଣ୍ଠ ମୋକ୍ଷଲାଭ କରେ ।"

ଶ୍ରୋତୃମଣ୍ଡଳୀ ମଧ୍ୟରେ, ମଣ୍ଡପ ତଳେ ଠିଆ ହୋଇ ଉପକ ପଚାରିଲେ- "କେଉଁଟା ସତ୍ୟ କିଶା? ଜୀବନ ନା ମୋକ୍ଷ?"

କିଶା ଦରନୀମିଳିତ ଦୁଇ ଆଖି ମେଲାଇ ପ୍ରଶ୍ନକର୍ତ୍ତାଙ୍କ ଆଡ଼େ ଚାହିଁ ଦେଖିଲେ ମଣ୍ଡପ ତଳେ ଅଦୂରରେ ଠିଆ ହୋଇଛନ୍ତି ସୁବିଦିତ, ଶମଣଶ୍ରେଷ୍ଠ, ବେଲଥୀପୁତ୍ତଙ୍କ ଶିଷ୍ୟ ଏକଦଣ୍ଡୀ ଉପକ ।

କିଶା ପରିହାସଜର୍ଜରିତ କଣ୍ଠରେ କହିଲେ... "ଯେ ଶମଣଶ୍ରେଷ୍ଠ ଉପକ! ବିଦେହର ରୂପଜୀବ୍ୟା ମଧୁମତ୍ତାର କେଳି ମନ୍ଦିରରେ ଏହାଙ୍କର ଦଣ୍ଡ, କମଣ୍ଡଳୁ ଓ ଚୀବର ଏବେସୁଦ୍ଧା ପଡ଼ିଛି ।"

ସମବେତ ଶ୍ରୋତୃମଣ୍ଡଳୀର ଅଟ୍ଟହାସରେ ଅଜୀବ୍ୟ-ସଭା ପ୍ରାଙ୍ଗଣ ମୁଖରିତ ହୋଇଉଠିଲା । ଉପକ ଏଥିରେ ବିଚଳିତ ନ ହୋଇ କହିଲେ... "ଚତୁଃ-ଯମ-ସମ୍ବୃତ କିଶା ତା'   ହେଲେ ବିଦେହର ରୂପଜ୍ୟବ୍ୟା ଗଣିକା ମଧୁମତ୍ତାର କେଳି ମନ୍ଦିର ସହିତ ଅପରିଚିତ ନୁହନ୍ତି ।"

ଉପକଙ୍କ ଏ ପ୍ରତ୍ୟୁକ୍ତିରେ ଶ୍ରୋତୃମଣ୍ଡଳୀଙ୍କର ଅଟ୍ଟହାସ ଦ୍ୱିଗୁଣିତ ହୋଇଗଲା । ପ୍ରୌଢ଼, ମୁଣ୍ଡିତ, ଅଚେଳକ** କିଶା, ଉପକଙ୍କ ଏ ଉକ୍ତିରେ ଆହତ ହୋଇ ନୀରବରେ ତଳକୁ ଚାହିଁ ରହିଲେ ।

* ଚତୁର୍ବିଧ ସଂଯମ

** ଉଲଗ୍ନ

କିଶା କହିଲେ- "ବହୁବର୍ଷ ତଳେ ଚାତୁର୍ମାସ୍ୟା ପାଇଁ ମୁଁ ବିଦେହର ଆଜୀବ୍ୟସଭାରେ ରହୁଥିଲି । ଥରେ ରୂପଜ୍ୟବ୍ୟା ମଧୁମତ୍ତା ଭିକ୍ଷା ଦେବା ପାଇଁ ମୋତେ ଆମନ୍ତ୍ରଣ କରି, ପୁନର୍ଜନ୍ମ ଅଛି କି ନାହିଁ ବୋଲି ପଚାରିଥିଲା । ସେତେବେଳେ ମଧୁମତ୍ତାର ଭବନରେ ପରିତ୍ୟକ୍ତ ଦଣ୍ଡ, କମଣ୍ଡଳୁ ଓ ଚୀବର ଦେଖି, ତାହା କାହାର ବୋଲି ପଚାରିଥିଲି । ତାହା ସଞ୍ଜୟ ବେଲଥୀପୁତ୍ରଙ୍କ ଶିଷ୍ୟଶିରୋମଣି ଉପକଙ୍କର ଦଣ୍ଡ, ଚୀବର ଓ କମଣ୍ଡଳୁ ବୋଲି ସେତେବେଳେ ଶୁଣିଥିଲି ।"

ଆଜୀବକମାନଙ୍କ ପ୍ରତି ନାନା କଟୂକ୍ତି ଓ ପରିହାସ କୋଳାହଳ ମଧ୍ୟରେ ଶ୍ରୋତାମାନଙ୍କର ଗହଳି ଭାଙ୍ଗିଗଲା । ଆଜୀବ୍ୟ-ସଭାର ଶମଣମାନଙ୍କ ମଧ୍ୟରେ କେହି ଉପକଙ୍କ ପକ୍ଷ ଆଉ କେହି ବା କିଶାଙ୍କ ପକ୍ଷ ନେଇ, ନିଜ ନିଜ ମଧ୍ୟରେ କଳହ ଆରମ୍ଭ କରିଦେଲେ । କିଛି ସମୟ ପରେ ଆଜୀବ୍ୟ-ସଭା ନିର୍ଜନ ଓ ନିଃଶବ୍ଦ ହୋଇଗଲା । ଆଜୀବକମାନଙ୍କର ବିଧାନ ଅନୁସାରେ, ଦିନସାରା ରୌଦ୍ରଦୀପ୍ତ ଆକାଶ ତଳେ ସେମାନେ ବାହାରେ ଶୟନ କରନ୍ତି । ମାତ୍ର ରାତ୍ରି ହେଲେ ସେମାନଙ୍କୁ ନିଜ ନିଜ ରୁଦ୍ଧ ଅନ୍ଧକାର ପ୍ରକୋଷ୍ଠର ପାଷାଣଶଯ୍ୟା ଉପରେ ଶୟନ କରିବା ପାଇଁ ପଡ଼େ । ଉପକ ଗୋଟିଏ ଶୂନ୍ୟ ପ୍ରକୋଷ୍ଠ ଦେଖି ତା' ଭିତରକୁ ଚାଲିଗଲେ ।

ବାହାରେ ଜ୍ୟୋସ୍ନାପୁଲକିତା ରାତ୍ରି, ପ୍ରତୀକ୍ଷମାଣା ବିଳାସିନୀ ପରି, ସୁପ୍ତିମୂର୍ଚ୍ଛିତ ଆକାଶରେ, ଚନ୍ଦ୍ରର ମୁକୁରକୁ ଚାହିଁ ଯେପରି ଶୃଙ୍ଗାର କରୁଥିଲା ।

ନିଶାର୍ଦ୍ଧ...

ଚମ୍ପାର ରାଜପଥରେ ପ୍ରହରୀ ରାତ୍ରିର ଦ୍ୱିତୀୟଯାମ ଘୋଷଣା କରିଗଲା । ମାତ୍ର ଉପକଙ୍କ ଆଖିରେ ନିଦ ନାହିଁ । ଉପକ ପ୍ରକୋଷ୍ଠର ପାଷାଣ ଚତ୍ୱର ଉପରେ ବସି, କେତୋଟି ମୁହୂର୍ତ୍ତ ବାହାରର ଜ୍ୟୋସ୍ନାଲୋକିତ ପ୍ରାଙ୍ଗଣ ଆଡ଼େ ଚାହିଁଲେ । ତା' ପରେ ପ୍ରକୋଷ୍ଠର ଗୋଟିଏ କୋଣରୁ ନିଜ ଦଣ୍ଡ ଆଣି ହାତରେ ଧରି, ବାହାରକୁ ଚାଲି ଆସିଲେ ।

ଅଳ୍ପଦୂରରେ କିଶାଙ୍କର ପ୍ରକୋଷ୍ଠ ।

ଉପକ, କିଶାଙ୍କର ପ୍ରକୋଷ୍ଠ ପାଖରେ ଠିଆ ହୋଇ ଅନୁଚ୍ଚ କଣ୍ଠରେ କିଶାଙ୍କର ନାମ ଧରି ଡାକିଲେ । କିଛି ସମୟ ପରେ, କିଶା ନିଦ୍ରାତୁର କଣ୍ଠରେ ପଚାରିଲେ- "କିଏ?"

ଉପକ, କହିଲେ – "ମୁଁ, ଉପକ ।"

କିଶା ପଚାରିଲେ- "ଉପକ! ରାତ୍ରି ବର୍ତ୍ତମାନ କେଉଁ ପ୍ରହରରେ? ତୁମେ ଏ ନିଶାର୍ଦ୍ଧରେ କ' ଣ କରୁଛ?"

ଉପକ କହିଲେ- "ତୁମକୁ କେତେକ କଥା ପଚାରିବା ପାଇଁ ଆସିଛି କିଶା!"

କିଶା କହିଲେ- "ଭିତରକୁ ଆସ ।"

ଉପକ କହିଲେ- "ବାହାରେ ସୁନ୍ଦର ଜ୍ୟୋସ୍ନାଲୋକ ରାତ୍ରି । ଏ ପାଷାଣ ଅନ୍ଧକୂପ ମଧ୍ୟରେ ନୁହେଁ, ଉଦ୍ୟାନକୁ ଆସ ।"

କିଶା ସମ୍ମୋହିତ ପରି ଉପକଙ୍କ ପଛେ ପଛେ ଆସିଲେ । ଉଦ୍ୟାନର ଏକ ନିଭୃତ ଅଶୋକ କୁଞ୍ଜତଳେ ଅକେଳକ, ଲଣ୍ଡିତ କିଶା ଓ ଜଟାଜୁଟବୃତ କୌପୀନ ପରିହିତ ଉପକ, ଆସି ବସିଲେ ।

ଅପୁଷ୍ପିତ ଅଶୋକ, ଯେପରି କେଉଁ ଶୋଭନାର ସାଳକ୍ତକ, ସୁନୂପୁର ବାମ ଚରଣରୁ ପଦାଘାତର ଅତୃପ୍ତ ଦୋହଦ ଧରି ଠିଆହୋଇ ରହିଚି ।

ଉପକ କିପରି କଥା ଆରମ୍ଭ କରିବେ, ବୁଝି ନ ପାରି କିଂକର୍ତ୍ତବ୍ୟବିମୂଢ଼ ପରି ଅଶରୀରୀ ଜ୍ୟୋତ୍ସ୍ନା ଆଡ଼େ ଚାହିଁ ରହିଥିଲେ ।

କିଶା କହିଲେ- "ମୋତେ କ୍ଷମା କରିବ ଉପକ, ମୁଁ ତୁମକୁ ଆଜି ଅଯଥା  ଲାଂଛିତ କରିଅଛି ।"

ଉପକ ପଚାରିଲେ- "ମଧୁମତ୍ତା ସହିତ ତୁମର ପରିଚୟର କାହାଣୀ କହିବ ମୋତେ କିଶା?"

କିଶା କହିଲେ- "ମଧୁମତ୍ତା ସହିତ ମୋର ପରିଚୟ ଏକ ଦୁର୍ଘଟଣା । ଆଜକୁ ବହୁ ବର୍ଷ ତଳେ..."

କିଶା ମୁହୂର୍ତ୍ତକ ପାଇଁ ରହିଗଲେ ।

ବହୁବର୍ଷ ତଳେ ।

ବିଦେହରେ ସେ ଦିନ ବସନ୍ତୋତ୍ସବ । ବିଦେହର ନାଟ୍ୟଶାଳାକୁ ସେଦିନ ମଧୁମତ୍ତା ଆସିଥିଲା ନୃତ୍ୟାମୋଦରେ ବସନ୍ତୋତ୍ସବ ସନ୍ଧ୍ୟାକୁ ଆମୋଦିତ କରିବା ପାଇଁ । କିଶା, ରାଜପଥରେ ଠିଆ ହୋଇ ବାତାୟନ ଦ୍ୱାରରେ ସେ ଦିନ ଦେଖିଥିଲେ, ମଦାବେଶ ବିହ୍ୱଳା ମଧୁମତ୍ତାର ନୃତ୍ୟ । କାଂଚୀପୀଡ଼ିତ ଗୁରୁନିତମ୍ବ ଉପରେ ନ୍ୟସ୍ତ, ବାମ ହସ୍ତସନ୍ଧିର ସ୍ତିମିତ କନକ ବଳୟ କୁଟ୍ଟିମୋପରି ଲୁଳିତ କୁସୁମ ଉପରେ ପାଦାଙ୍ଗୁଷ୍ଠିର ନମ୍ର ସଞ୍ଚାରଣ ବିହ୍ୱଳ ଦୁଇ ଦୀର୍ଘାକ୍ଷିରେ ଛନ୍ଦର ଆବେଶ-କିଶାଙ୍କୁ ଆକୁଳ କରି ଦେଇଥିଲା; ସ୍ୱୀକାର ନ କଲେ କିଶା ମିଥ୍ୟାଚାରୀ ହେବେ । ପୁଣି ନୃତ୍ୟ ଆରମ୍ଭ ହେବ । ମୁରଜର ମନ୍ଦ୍ରଧ୍ୱନିରେ ନାଟ୍ୟାଶାଳା ପୁଣି ମୁଖରିତ ହୋଇ ଉଠିଲା । କିଶା, ବ୍ୟାଧର ଶରାଘାତରୁ ପ୍ରାଣରକ୍ଷା କରିବା ପାଇଁ ତ୍ରସ୍ତ ଶଶକ ପରି, ସେଠୁ ପଳାୟନ କଲେ । ମାତ୍ର ସେହିଦିନୁ ଚାରୁହାସିନୀ ମଧୁମତ୍ତାର ଚିନ୍ତା କିଶାଙ୍କୁ ଅଧୀର ଓ ଅନବସ୍ଥିତ କରିଦେଲା । ମଧୁମତ୍ତାକୁ ରୂପଜୀବ୍ୟା ନର୍ତ୍ତକୀର କାମନା କଳୁଷିତ ଜୀବନରୁ ମୁକ୍ତି ଦେଇ ନିର୍ବାଣର ଦୀକ୍ଷା ଦେବା ପାଇଁ କିଶା ମନେ ମନେ ବହୁ ଉପାୟ ଚିନ୍ତା କଲେ ।

କିଶା କହିଲେ, "ସେଦିନ କୋଜାଗରୀ ପୂର୍ଣ୍ଣିମାର ସନ୍ଧ୍ୟା । ମଧୁମତ୍ତାର ଭବନ ସମ୍ମୁଖରେ, ରାଜପଥର ଏକ ପାର୍ଶ୍ୱରେ ଯାଉଁ ଯାଉଁ, ଆଉଥରେ ମଧୁମତ୍ତାକୁ ସେହି ଭଙ୍ଗୀରେ ଦେଖିବା ପାଇଁ ମନ ମୋର ଆକୁଳ ହୋଇ ଉଠୁଥିଲା, ନ କହିଲେ ମିଥ୍ୟାବାଦୀ ହେବି । ମରଣଶୀଳ ଦେହ ଏତେ ସୁନ୍ଦର, କାହିଁକି ଓ କିପରି ହୋଇପାରେ ଚିନ୍ତା କରି ଆସୁଥିଲାବେଳେ, ଭବନ ଦ୍ୱାରରେ ମଧୁମତ୍ତାକୁ ଦେଖି ମୁହୂର୍ତ୍ତକ ପାଇଁ ମୁଁ ରହିଗଲି ।"

ଉପକ ପଚାରିଲେ... "ତା' ପରେ?"

କିଶା କହିଲେ... "ଭୁବନମୋହିନୀ ମଧୁମତ୍ତାର ସେହି ନୟନାଭିରାମ ଭଙ୍ଗୀ, କଙ୍କଣ ଓ ବଳୟ ଶୋଭିତ ବାମହସ୍ତ ସେହିପରି ଚାରୁ ନିତମ୍ବ ଉପରେ ନ୍ୟସ୍ତ ରହିଥିଲା । ଶ୍ୟାମା ଲତା ପରି ଦକ୍ଷିଣ ହସ୍ତ ତଳକୁ ଲମ୍ବି ଆସିଥିଲା । ମୁଁ ମନେ ମନେ ଭାବୁଥିଲି କିଏ ସୁନ୍ଦର? ଶରବିନ୍ଦୁକାନ୍ତି ମଧୁମତ୍ତା ନା କୋଜାଗରୀ ପୂର୍ଣ୍ଣିମାର ପୂର୍ଣ୍ଣଚନ୍ଦ୍ର? ମଧୁମତ୍ତା ମୋତେ ଆମନ୍ତ୍ରଣ କରି କହିଲା... "ଭିତରେ ପଦାର୍ପଣ କରନ୍ତୁ ଶମଣ ।"

ଉପକ ପଚାରିଲେ... "ତା' ପରେ?"

କିଶା କହିଲେ... "ତା' ପରର କାହାଣୀ ବହୁ ସଂଯମ ଓ ସାଧନା ମଧ୍ୟରେ ମୁଁ ବିସ୍ମୃତ ହେବା ପାଇଁ ଚାହିଁଛି, ମାତ୍ର ପାରିନାହିଁ । ମଧୁମତ୍ତାର କେଳିମନ୍ଦିରକୁ ସେଦିନ ଆସିଥିଲେ ବିଦେହର ଶ୍ରେଷ୍ଠୀ ନୀଳକେକୀ, ଏକସହସ୍ର ସ୍ୱର୍ଣ୍ଣମୁଦ୍ରାର ମୂଲ୍ୟ ଘେନି । ମାତ୍ର ଉପୋଷଧରଞ୍ଚ ଛଳନାକରି ମଧୁମତ୍ତା ତାଙ୍କୁ ପ୍ରତ୍ୟାଖ୍ୟାନ କରିଦେଲା । ନୀଳକେକୀ ବିଦାୟ ନେବାପରେ, ମଧୁମତ୍ତାର ଆମନ୍ତ୍ରଣରେ ମୁଁ ଆସିଲି କେଳିମନ୍ଦିର ଭିତରକୁ । ସେ ଦିନ ମଧୁମତ୍ତାର କି ସେ ବେଶ ରଚନା! ବିରଳ ନୀଳାଂଶୁକ ତଳେ ମଧୁମତ୍ତାର ନଗ୍ନ ଦେହର କି ସେ ରୂପଶ୍ରୀ! ଅଳୀକ୍ତସିକ୍ତ ଦୁଇ ଅଧରରେ କି ସେ ତୃଷ୍ଣା । ମୁଁ ସଞ୍ଜମ ହରାଇ; ଆତ୍ମବିସ୍ମୃତ ହୋଇ ପଡ଼ିଥିଲି ଉପକ ।"

ଉପକ ପଚାରିଲେ... "ତା' ପରେ?"

କିଶା କହିଲେ... "ଦଳିତ କୁସୁମ ଶଯ୍ୟା ଉପରେ ମଧୁମତ୍ତା ଦେହନ୍ୟସ୍ତ କରି ଅଙ୍ଗାବରଣ ଈଷତ୍ ଅନାବୃତ୍ତ କରି, ସ୍ମିତ ହସି ମୋତେ କହିଲା- ଏହି ଶଯ୍ୟାରେ ଉପବେଶନ କରନ୍ତୁ ଶମଣ ।"

ଉପକ ଆଖି ଆଗରେ ସେତେବେଳେ ଭାସି ଉଠୁଥିଲା ଗୋଟିଏ ଯୁଗତଳର ଏକ ସନ୍ଧ୍ୟାରେ ମଧୁମତ୍ତାର କେଳିମନ୍ଦିରରେ ଅନ୍ୟ ଗୋଟିଏ ଦୃଶ୍ୟ ।

କିଶା କହିଲେ... "ତା' ପରେ ମଧୁମତ୍ତା କଟୀରୁ କାଞ୍ଚିଦୁକୁଳ ଧୀରେ ଧୀରେ ଶିଥିଳ କରି ପରିଚାରିକାମାନଙ୍କୁ ନାମ ଧରି ଡାକିଲା, ଆଲୋ କାମଦା, କାମନ୍ଦକୀ, ପରଭୃତିକା କିଏ ଅଛ? କେହି ଶୁଣିଲେ ନାହିଁ । ତା' ପରେ- ।"

* ଉପବାସ ବା ବ୍ରତ ।

ଉପକ ପଚାରିଲେ- "ମଧୁମତ୍ତା ସ୍ୱହସ୍ତରେ ତୁମକୁ ଆଶବ ଅର୍ପଣ କରିଥିଲା କିଶା?"

କିଶା କହିଲେ- "ତୁମକୁ କହିଛି ତ ଉପକ, ସେଦିନର ସନ୍ଧ୍ୟା ମୋ' ଜୀବନରେ ଏକ କଳଙ୍କ । ମଧୁମତ୍ତାର ଅର୍ପିତ ଆଶବ, ସେଦିନ ମୁଁ ଆକଣ୍ଠ ପାନ କରିଥିଲି, ମଧୁମତ୍ତାର ଲୋଭନୀୟ ରୂପଶ୍ରୀ ଓ ତା' ର ସ୍ଫୁରିତ ଜବାଧର ଆଡ଼େ ଚାହିଁ ଚାହିଁ ।"

ଉପକ ପଚାରିଲେ- "ତା' ପରେ?"

କିଶା କହିଲେ- "ତା' ପରେ ମୁଁ ଆତ୍ମସ୍ଥ ହୋଇ କହିଲି, ଏ ସବୁ କ୍ଷଣସ୍ଥାୟୀ ଓ ମରଣଶୀଳ ମଧୁମତ୍ତା ।"

ମଧୁମତ୍ତା ତହୁଁ ମୋ' ଆଡ଼େ ଚାହିଁ ଈଷତ୍, ହସି କହିଲା- "କାମଦା, କାମନ୍ଦକୀ ପରଭୃତିକା କେହି ନାହାନ୍ତି । ମୋର ବକ୍ଷରେ ଚୋଳ ଦୁକୂଳର କଠୋର ବନ୍ଧନ, ବହୁ ପୀଡ଼ା ଦେଲାଣି । ଟିକିଏ ଶିଥିଳ କରି ଦେଇ ପାରିବ ଶମଣ!"

ମୁଗ୍ଧ ପରି ମୁଁ ମଧୁମତ୍ତାର ବକ୍ଷରୁ ଚୋଳପାଶ ଶିଥଳ କରୁ କରୁ ଆତ୍ମବିସ୍ମୃତ ହୋଇ ପଡ଼ିଲି । ଚୋଳପାଶ ଶିଥିଳ କରୁ କରୁ, ଚୋଳର ବନ୍ଧନ ଖସି ତଳେ ପଡ଼ିଗଲା । ମଧୁମତ୍ତା ବିରଳ ଅବଗୁଣ୍ଠନରେ ଉଦ୍ଭିନ୍ନ କମଳ କୋରକ ପରି ବକ୍ଷୋଜକୁ ଆବୃତ କରିବାର ଉଦ୍ୟମରେ ତାହାକୁ ଆଉରି ଅନାବୃତ କରି ପଚାରିଲା... "ନୀଳକେକୀଠାରୁ ବେଶୀ ମୂଲ୍ୟ ଦେଇ ପାରିବ ଶମଣ?"

କିଂକର୍ତ୍ତବ୍ୟବିମୂଢ଼ ପରି ମୁଁ କହିଲି... "ଭିକ୍ଷାଜୀବୀ ଶମଣ, ସ୍ୱର୍ଣ୍ଣମୁଦ୍ରା କେଉଁଠୁ ପାଇବି ମଧୁମତ୍ତା?"

ମଧୁମଣ୍ଡା ସ୍ମିତ ହସି କହିଲା... "ସ୍ୱର୍ଣ୍ଣମୁଦ୍ରାରେ ମୋର ପ୍ରୟୋଜନ ନାହିଁ ଶମଣ । ବିଦେହ ରାଜକୋଷର ଦୈନିକ ଆୟ, ମୋର ଏକ ରାତ୍ରିର ଆୟର ଅର୍ଦ୍ଧାଂଶ । ମୁଁ ଚାହେଁ ଗୋଟିଏ ପ୍ରଶ୍ନର ଉତ୍ତର ।"

ମୁଁ ବିସ୍ମୟାବିଷ୍ଟ କଣ୍ଠରେ ପଚାରିଲି... "କି ପ୍ରଶ୍ନ ମଧୁମଣ୍ଡା?"

ଉପକ କହିଲେ... "ପୁନର୍ଜନ୍ମ ଅଛି କି ନାହିଁ?"

କିଶା କହିଲେ.. "ତମକୁ ହୁଏତ ଠିକ୍ ସେହି ପ୍ରଶ୍ନ ପଚାରିଥିଲା ମଧୁମଣ୍ଡା!"

ଉପକ ପଚାରିଲେ... "କିନ୍ତୁ ତୁମେ କ' ଣ ଉତ୍ତର ଦେଲ କିଶା?"

କିଶା କହିଲେ... "ମୁଁ କହିଲି ଜନ୍ମ ମିଥ୍ୟା, ପୁନର୍ଜନ୍ମ କଳ୍ପନା । ପୁନର୍ଜନ୍ମରେ ତମର କି ପ୍ରୟୋଜନ ମଧୁମଣ୍ଡା?" ମଧୁମଣ୍ଡା କହିଲା, "ଅନ୍ୟର ପାଦତଳେ କେବଳ ନିବେଦିତ ହେବା ହିଁ କ' ଣ କୁସୁମର ଭବିତବ୍ୟ? ଏ ଜୀବନରେ ଯେତେକ ବ୍ୟର୍ଥସ୍ୱପ୍ନ କ' ଣ ଅନ୍ୟ ଜୀବନରେ ସଫଳ ହେବ ନାହିଁ?"

ମଧୁମଣ୍ଡାର ମଦବିହ୍ୱଳ ଦୁଇ ଆଖି, ବାଷ୍ପାକୁଳ ହୋଇ ଉଠିଲା ।

ମୁଁ ଅସହାୟ ପରି କହିଲି... "ପୁନର୍ଜନ୍ମ ଅଛି । ପୁନର୍ଜନ୍ମ ନାହିଁ ।"

ମଧୁମଣ୍ଡା ଆକୁଳ କଣ୍ଠରେ ପଚାରିଲା... "ତା' ହେଲେ ପୁନର୍ଜନ୍ମ ଅଛି ଶମଣ?"

ମୁଁ କହିଲି- "କିନ୍ତୁ ତୁମେ ସେହି ପୁନର୍ଜନ୍ମରେ ଅମଳିନ କମଳର ଏହି ରୂପଶ୍ରୀ ଧରି ପୁଣି ଜନ୍ମଲାଭ କରିବ ବୋଲି କି ସ୍ଥିରତା ଅଛି ମଧୁମଣ୍ଡା?"

ମଧୁମଣ୍ଡା, ତା' ପରେ ଅନାବୃତ ଦେହର ସକଳ କୁଣ୍ଠା ପରିହାର କରି, ମୋତେ ନିବିଡ଼ ଆଲିଙ୍ଗନ ଭିତରେ ଚାପିଧରି, ସୁରାସିକ୍ତ ନିଃଶ୍ୱାସରେ ମୋର କଣ୍ଠରୋଧ କରି, ମୋତେ କହିଲା- "ମୋତେ ପୁନର୍ଜନ୍ମ ଦିଅ ଶମଣ । ମୁଁ ଚାହେଁ ଏହି ମରଣଶୀଳ ଦେହର ରୂପଶ୍ରୀ ଧରି, ପୁଣି ଥରେ ନବଜନ୍ମ ପାଇବା ପାଇଁ ।"

କିଶା କହିଲେ- "ତା' ପରେ ମୋତେ ଆଉ କିଛି ଜିଜ୍ଞାସା କରନାହିଁ ଉପକ । ସେହିଦିନୁ ମୁଁ ଆଉ ବିଦେହକୁ ଫେରିନାହିଁ । ସେ ଦିନର କଳଙ୍କର କାଳିମା ନିଭାଇବା ପାଇଁ କଠୋର ବ୍ରତ ଓ ତପ ଆଚରଣ କରୁଛି । କିନ୍ତୁ ତୁମେ କହି ପାରିବ ଉପକ, କେଉଁ କାମନାରେ ମଧୁମଣ୍ଡା ଚାହୁଁଥିଲା ପୁନର୍ଜନ୍ମ?"

ଉପକ ଧୀରେ ଧୀରେ ମଳିନ ପଡ଼ି ଆସୁଥିବା ଜ୍ୟୋତ୍ସ୍ନାଲୋକ ଆଡ଼େ ଚାହିଁ କହିଲେ- "କିଏ ଜାଣେ!"

କିଶା କହିଲେ- "ଐଶ୍ୱର୍ଯ୍ୟ ଓ ପ୍ରବୃତ୍ତିର କାରାଗାର ମଧ୍ୟରେ ଆଜୀବନ ବନ୍ଦିନୀ ରହି ରହି, ମଧୁମଣ୍ଡା ହୁଏତ କାମନା କରୁଥିଲା ଏକ ନାମହୀନ ଜନପଦର ଅଖ୍ୟାତ, ଅଜ୍ଞାତ କୋଣରେ, କେଉଁ ଏକ ସାମାନ୍ୟ ଗୃହସ୍ଥାଳୀର ପରିଚ୍ଛନ୍ନ, ଶୁଭ୍ର ଅଙ୍ଗନ ।"

ଉପକ ପଚାରିଲେ- "ପୁନର୍ଜନ୍ମ ଅଛି କିଶା?" ମୁଁ ମଧ୍ୟ ଚାହେଁ ପୁନର୍ଜନ୍ମ!"

କିଶା କହିଲେ- "କିନ୍ତୁ ତୁମେ କ'ଣ ନିର୍ବାଣ ଅଭିଳାଷୀ ନୁହଁ ଉପକ? ଶମଣର ପୁଣି ପୁନର୍ଜନ୍ମ ପାଇଁ ଆକାଙ୍କ୍ଷା!"

ଉପକ କହିଲେ- "ତୁମେ ଭ୍ରାନ୍ତ କିଶା! ଜୀବନ ଯଦି ମୋହଗ୍ରସ୍ତ ମାୟା, ନିର୍ବାଣ ବୁଦ୍ଧିଗ୍ରସ୍ତ ମନର ପରିକଳ୍ପନା! ମୁଁ ମଧ ଚାହେଁ ପୁନର୍ଜନ୍ମ! କିନ୍ତୁ...ପୁନର୍ଜନ୍ମ ନାହିଁ । ପୁନର୍ଜନ୍ମ ନାହିଁ । ଏଇ ଶିଶିରସିକ୍ତ ପ୍ରିୟଙ୍ଗୁବୀଥିକାର ପତ୍ରଶୀର୍ଷରେ; ଏ ଯେଉଁ ରାତ୍ରି ବିଦାୟ ନେଉଛି, ସେ ଆଉ ଫେରିବ ନାହିଁ । ତୁମେ ମିଥ୍ୟାବାଦୀ କିଶା! ତୁମେ ଭଣ୍ଡ! ତୁମେ ମିଥ୍ୟାଚାରୀ! ମୁଗ୍ଧା ମଧୁମଭାକୁ ତୁମେ ମିଥ୍ୟା କହିଛ!"

ଉପକ, ଝଡ଼ପରି ସେଠୁ ଉଠି ଚାଲିଗଲେ ।

ପଶ୍ଚିମ ଦିଗ୍‌ବଳୟରେ ଜ୍ୟୋତ୍ସ୍ନାଲୋକ ଧୀରେ ଧୀରେ ନିଭି ଆସୁଥିଲା । ଲଜ୍ଜାବତୀ ଉଷାର ରାଗରଞ୍ଜିତ କପୋଳ ଉପରେ ଧୀରେ ଧୀରେ ପଡ଼ି ଆସୁଥିଲା, କୁଜଝଟିକାର ଅବଗୁଣ୍ଠନ । ଅଶୋକକୁଞ୍ଜର ପତ୍ର ଗହଳିରେ ପ୍ରଭାତର ପକ୍ଷୀମାନଙ୍କର କଣ୍ଠରେ ଫୁଟି ଉଠିଥିଲା, ବୈତାଳିକାର ଗାନ ।

କିଶା ମୂଢ଼ ପରି ଚାହିଁ ଦେଖୁଥିଲେ...ଉପକ କ୍ଷିପ୍ତ ପରି ଦଣ୍ଡ, କମଣ୍ଡଳୁ ଉଦ୍ୟାନରେ ଫିଙ୍ଗି ଦେଇ, ଚୀବରରେ ଦେହ ଆବରଣ କରି, ଆଜୀବ୍ୟସଂହତି ଛାଡ଼ି ବାହାରି ଯାଉଥିଲେ, ଚମ୍ପାର ରାଜପଥରେ ।